Largest Circulated Odia Daily

SAMBAD
ସମ୍ବାଦ
ସର୍ବାଧିକ ପ୍ରଚାରିତ ଓଡିଆ ଦୈନିକ

+2 SC. | KSSC | Vocational | Diploma
MBBS | BDS | Nursing | MBA | MCA
BTech | MTech | Ph.D.
KIIT www.kiit.org

| ଏକ ସଙ୍ଗେ ପ୍ରକାଶିତ ଓ ପ୍ରସାରିତ | ଅନୁଗୁଳ | ବାଲେଶ୍ୱର | ଭୁବନେଶ୍ୱର | କଟକ | ବ୍ରହ୍ମପୁର | ଜୟପୁର | ରାଉରକେଲା | ସମ୍ବଲପୁର |
|---|---|---|---|---|---|---|---|---|

ଅମିତାଭଙ୍କଠାରେ ଅସ୍ତ୍ରୋପଚାର, ସ୍ୱାସ୍ଥ୍ୟବସ୍ଥା ଭଲ ଅଛି, ସମ୍ବଲପୁର: ଫକୀର ପଟ୍ଟନାୟକଙ୍କର ପରଲୋକ, ସିନେ

ତାରିଖ : ୧୨/୧/୨୦୦୫

- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ

ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୧୫.୨ | ୨୯.୨ |
| କଟକ | ୧୩.୮ | ୨୯.୨ |
| ବାଲେଶ୍ୱର | ୧୪.୦ | ୩୦.୨ |
| ଗୋପାଳପୁର | ୧୬.୬ | ୨୯.୯ |
| ଝାରସୁଗୁଡ଼ା | ୧୩.୫ | ୨୯.୦ |

ବିତର୍କ/ମତାମତ ସଂଗ୍ରହ

ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ପ୍ରସଙ୍ଗରେ କେନ୍ଦ୍ରରେ ଓଡ଼ିଶା ଅପେକ୍ଷା ବଙ୍ଗଳାର ଲବି ଟାଣୁଆ ପ୍ରମାଣି ତ ହୋଇଛି କି?

- : ହଁ.....
- : ନାହିଁ.....
- : କହିପାରିବେନି....

Vote

## ପୂର୍ଣ୍ଣ ବିବରଣୀ

- ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାନାନ୍ତର ପ୍ରସଂଗ :ଓଡ଼ିଶା ସାଂସଦଙ୍କ ହଟ୍ଟଗୋଳରେ ଗୃହ ମୁଲତବି

ନୂଆଦିଲ୍ଲୀ(ଇମିସ): ଲୋକସଭାର ଶୂନ୍ୟକାଳରେ ଗତକାଲି ଭୁବନେଶ୍ୱରରେ ପ୍ରସ୍ତାବିତ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନକୁ କୋଲକାତା ସ୍ଥାନାନ୍ତର ପ୍ରସଂଗକୁ ନେଇ ପ୍ରବଳ ହଟ୍ଟଗୋଳ ସୃଷ୍ଟି ହୋଇଛି। ୟୁପିଏ ସରକାରଙ୍କ ଏହି ନିଷ୍ପତ୍ତି ପ୍ରତିବାଦରେ ଓଡ଼ିଶାର ବିଜେଡ଼ି ଓ ବିଜେପି ସାଂସଦ ମାନେ ନିଜ ସ୍ଥାନରୁ ଉଠିଆସି ବାଚସ୍ପତିଙ୍କ ଆସନ ସମ୍ମୁଖରେ ତଳେ ଧାରଣାରେ ବସିଥିଲେ। ପରେ ବାଚସ୍ପତି ସୋମନାଥ ଚାଟାର୍ଜୀଙ୍କ ଅନୁରୋଧକ୍ରମେ ସାଂସଦମାନେ ନିଜ ସ୍ଥାନକୁ ଫେରି ଯାଇଥିଲେ ମଧ୍ୟ ହଟ୍ଟଗୋଳ ନ କମିବାରୁ ବାଚସ୍ପତି ଶ୍ରୀ ଚାଟାର୍ଜୀ ବାଧ୍ୟ ହୋଇ ଗୃହକୁ ମୁଲତବି ଘୋଷଣା କରିଥିଲେ। ଲୋକସଭାରେ ବିଜେଡ଼ି ନେତା ବ୍ରଜକିଶୋର ତ୍ରିପାଠୀ ଗତକାଲି ଶୂନ୍ୟକାଳରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନକୁ ଭୁବନେଶ୍ୱରରେ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଥିଲା ବେଳେ ଏବେ ଏହାକୁ କୋଲକାତାକୁ ସ୍ଥାନାନ୍ତର କରାଯିବା ନିଷ୍ପତ୍ତି ପ୍ରସଙ୍ଗ ଉଠାଇ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ଓଡ଼ିଶା ପ୍ରତି ଅବହେଳା କରିଛନ୍ତି ବୋଲି କହିଥିଲେ। ସେ କହିଲେ, ଯେତେବେଳେ ବି କଂଗ୍ରେସ ସରକାର କେନ୍ଦ୍ରରେ ରହିଛି ଓଡ଼ିଶା ପରି ଏକ ଅନୁନ୍ନତ ରାଜ୍ୟ ପ୍ରତି କେନ୍ଦ୍ର ଅବହେଳା ଓ ବୈମାତୃକ ମନୋଭାବ ପୋଷଣ କରି ଆସିଛି। ଗତ ଏନଡିଏ ସରକାର ସମୟରେ ଭୁବନେଶ୍ୱର, ପୁନେ, ଆହ୍ଲାବାଦ ଓ ଚେନ୍ନାଇ ପ୍ରଭୃତି ୪ଟି ସ୍ଥାନରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠାର ନିଷ୍ପତ୍ତି ନେଇଥିଲେ। ଏ ବାବଦରେ ୟୁଜିସି ପକ୍ଷରୁ ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଏକ ପତ୍ର ଲେଖା ଯାଇଥିଲା। ଭୁବନେଶ୍ୱର ନିକଟରେ ଏହି ପ୍ରତିଷ୍ଠାନ ସ୍ଥାପନ ଲାଗି ରାଜ୍ୟ ସରକାର ୭୫ ଏକର ଜାଗା ଚିହ୍ନଟ କରିଥିଲେ। ମାତ୍ର ଏବେ ଏହାକୁ କୋଲକାତା ସ୍ଥାନାନ୍ତର ନିଷ୍ପତ୍ତି ଦ୍ୱାରା ଓଡ଼ିଶାବାସୀ କେନ୍ଦ୍ର ସରକାରଙ୍କୁ କେବେ ହେଲେ କ୍ଷମତା ଦେବେ ନାହିଁ। ଏହି ନିଷ୍ପତ୍ତିର ପରିବର୍ତ୍ତନ କରି ଭୁବନେଶ୍ୱରରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନକୁ ସ୍ଥାପନ ଲାଗି କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରନ୍ତୁ। ଅନ୍ୟଥା ଓଡ଼ିଶାରେ ଯେଉଁ ଅଶୋଭନୀୟ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ କେନ୍ଦ୍ର ସରକାର ଦାୟୀ ରହିବେ ବୋଲି ଶ୍ରୀ ତ୍ରିପାଠୀ ସତର୍କ କରାଇଥିଲେ। ଆଲୋଚନା ବେଳେ ଶ୍ରୀ ତ୍ରିପାଠୀ ଉତ୍ତେଜିତ ଓ ଭାବପ୍ରବଣ ହୋଇପଡ଼ି ଓଡ଼ିଶା ଦେଶକୁ ବିଜୁଳି, କୋଇଲା, ଲୁହାପଥର ଯୋଗାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ବେଳେ ଏହି ଅନୁନ୍ନତ ରାଜ୍ୟର ସ୍ୱାର୍ଥକୁ କେନ୍ଦ୍ର ସରକାର ଜଳାଞ୍ଜଳି ଦେଇ ଓଡ଼ିଆଙ୍କୁ ଅବମାନନା କରିଥିବା କହିଥିଲେ। ଏହି ସମୟରେ ସାଂସଦ ତଥାଗତ ଶତପଥୀ ୟୁପିଏ ନେତାଙ୍କୁ



ଅମିତାଭଙ୍କ ଅନ୍ତଃନଳୀରେ ଅସ୍ତ୍ରୋପଚାର ହୋଇଛି। ତାଙ୍କର ସ୍ୱାସ୍ଥ୍ୟବସ୍ଥା ଭଲଥିବା ଡକ୍ତରଖାନା ସୂତ୍ରରୁ ପ୍ରକାଶ।

ଅନ୍ୟାନ୍ୟ ଖବର

- ଅଧ୍ୟାପକ ନିଲମ୍ବନ ପ୍ରତିବାଦରେ ଛାତ୍ରୀଙ୍କ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ
- ସମ୍ବଲପୁର ଜିଲ୍ଲା: ଏଡ଼ସରେ ୯ ମୃତ, ୧୩୬ ଆକ୍ରାନ୍ତ
- ସୁନ୍ଦରଗଡ଼ ଜିଲ୍ଲାରୁ ୧୧୫ ଜଣ ହଜ୍‌ଯାତ୍ରା କରିବେ
- ହତ୍ୟାକାଣ୍ଡ: ଦୁଇ ଅଭିଯୁକ୍ତ ଗିରଫ
- କେନ୍ଦ୍ରାପଡ଼ା ଜେଲ୍: ୩୪ ସ୍ଥାନରେ ରହୁଛନ୍ତି ୧୭୦, ଶୋଇବା ନେଇ ଗଣ୍ଡଗୋଳ, ୧୫ରୁ ଅଧିକ ଆହତ
- ଦରମା ନପାଇ ଇଜିଏସ୍ ଶିକ୍ଷକଙ୍କ ମୃତ୍ୟୁ
- ବୃଦ୍ଧଙ୍କୁ ହାତୀ ଦଳିଦେଲା
- ବରଡ଼ୋଲରେ ଛାତ ଭୁଶୁଡ଼ି ଜଣେ ମହିଳା ମୃତ
- ଜଣେ ମାତ୍ର ଭାଗ ନେବାରୁ ଟେଣ୍ଡର ବାତିଲ୍ ହେଲା
- ୭୫ ଗ୍ରାମ ସହିତ ରାଜ୍ୟର ସୀମା ବିବାଦ ରହିଛି
- ବିରୋଧୀଙ୍କ ହଟ୍ଟଗୋଳ, ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସ୍ୱାଧୀକାର ଭଙ୍ଗ ନୋଟିସ,

ଅନାଇ ଓଡ଼ିଶା ପ୍ରତି ଅନ୍ୟାୟକୁ ସହ୍ୟ କରାଯିବ ନାହିଁ ବୋଲି କହିବାରେ ବାଚସ୍ପତି ତାଙ୍କୁ ବାରଣ କରିଥିଲେ। ବିଜେଡ଼ି ସଂସଦୀୟ ଦଳ ନେତା ଅର୍ଜୁନ ଚରଣ ସେଠୀ ଚର୍ଚ୍ଚାରେ ଅଂଶଗ୍ରହଣ କରି ମୁଖ୍ୟମନ୍ତ୍ରୀ ଏ ବାବଦରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ତିନି ଥର ପତ୍ର ପଠାଇ ଭୁବନେଶ୍ୱରରେ ପ୍ରସ୍ତାବିତ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନକୁ ସ୍ଥାନାନ୍ତର ନ କରିବାକୁ ଅନୁରୋଧ କରିବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀଙ୍କ ଏହି ଅନୁରୋଧକୁ କେନ୍ଦ୍ର ସରକାର ଏଡ଼ାଇ ରହିଛନ୍ତି। ଏପରିକି ପ୍ରତ୍ୟୁତ୍ତର ମଧ୍ୟ ପଠାଯାଇ ନାହିଁ। ପ୍ରତ୍ୟୁତ୍ତରରେ ସରକାରଙ୍କ ପକ୍ଷରୁ ଗୃହର ନେତା ପ୍ରଣବ ମୁଖାର୍ଜୀ ଆଗରୁ ନୋଟିସ୍ ଦିଆ ହୋଇଥିଲେ ଏହା ଉପରେ କିଛିଟା କହିବା ସମ୍ଭବ ହୋଇଥାନ୍ତା ବୋଲି କହିଥିଲେ। ପ୍ରଣବଙ୍କ ଉତ୍ତରରେ ସାଂସଦମାନେ ଅଧିକ ଉତ୍ତେଜିତ ହୋଇପଡ଼ିବା ସହ ସ୍ଥାନ ଛାଡ଼ି ଆଗକୁ ଚାଲି ଆସିଥିଲେ। ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଗୃହର ନେତାଙ୍କ ଉତ୍ତରରେ ପ୍ରତିକ୍ରିୟା ପ୍ରକାଶ କରି ଗତ ଅଧିବେଶନରୁ ଏହି ପ୍ରସଂଗ ଉପରେ ଓଡ଼ିଶାର ସାଂସଦମାନେ ଆଲୋଚନା କରି ଆସୁଥିବା କହିଥିଲେ। ପ୍ରଧାନମନ୍ତ୍ରୀ ନିଜେ ଏହାର ଜବାବ ଦିଅନ୍ତୁ ବୋଲି ଶ୍ରୀ ପ୍ରଧାନ ଦାବି କରିଥିଲେ। ବାମପନ୍ଥୀ ସାଂସଦ ବାସୁଦେବ ଆଚାର୍ଯ୍ୟ ନିଜ ଆସନରୁ ଠିଆ ହୋଇ ସ୍ଥାନାନ୍ତର କଥା ଠିକ୍ ନୁହେଁ ବୋଲି କହିବାକୁ ଆରମ୍ଭ କରିବାମାତ୍ରେ ବିଜେଡ଼ି ସାଂସଦ ତଥାଗତ ଶତପଥି, ଅର୍ଚ୍ଚନା ନାୟକ, ବ୍ରହ୍ମାନନ୍ଦ ପଣ୍ଡା ଓ ସୁଗ୍ରୀବ ସିଂହ ଏବଂ ବିଜେପିରୁ ଧର୍ମେନ୍ଦ୍ର ପ୍ରଧାନ, ବିକ୍ରମ ଦେଓ, ପଶୁର୍ରାମ ମାଝି, ଖାରବେଳ ସ୍ୱାଇଁ ପ୍ରମୁଖ ନିଜ ଆସନରୁ ଉଠି ଏହାର ତୀବ୍ର ବିରୋଧ କରିଥିଲେ। ପରେ ତଥାଗତ ଶତପଥି, ଡ. ପ୍ରସନ୍ନ ପାଟଶାଣୀ, ଅର୍ଚ୍ଚନା ନାୟକ, ବ୍ରହ୍ମାନନ୍ଦ ପଣ୍ଡା, ସୁଗ୍ରୀବ ସିଂହ ଓ ଧର୍ମେନ୍ଦ୍ର ପ୍ରଧାନ ବାଚସ୍ପତିଙ୍କ ସାମ୍ନାକୁ ଆସି ଧାରଣା ଦେଇଥିଲେ। ଧାରଣାରତ ସାଂସଦମାନେ ବାଚସ୍ପତି ଶ୍ରୀ ଚାଟାର୍ଜୀଙ୍କ ଅନୁରୋଧକ୍ରମେ ଧାରଣାରୁ ଉଠିଥିଲେ ମଧ୍ୟ ହଟ୍ଟଗୋଳ କମି ନ ଥିଲା। ବାଧ୍ୟ ହୋଇ ମଧ୍ୟାହ୍ନ ୧୨ଟା ୪୫ରେ ବାଚସ୍ପତି ଶ୍ରୀ ଚାଟାର୍ଜୀ ଗୃହକୁ ଦିନ ୨ଟା ପର୍ଯ୍ୟନ୍ତ ମୁଲତବି ଘୋଷଣା କରି ନିଜ ଆସନରୁ ଉଠି ଚାଲି ଯାଇଥିଲେ। ଯେ ପର୍ଯ୍ୟନ୍ତ କେନ୍ଦ୍ର ସରକାର ଓଡ଼ିଶାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାପନ ନିଷ୍ପତ୍ତି ନ ନେଇଛନ୍ତି ସେ ପର୍ଯ୍ୟନ୍ତ ଏହି ପ୍ରସଂଗକୁ ଉତ୍‌ଥାପନ କରାଯାଉଥିବ ବୋଲି ଓଡ଼ିଶାର ବିଜେଡ଼ି ଓ ବିଜେପି ସାଂସଦମାନେ ପ୍ରକାଶ କରିଛନ୍ତି।

ପୂର୍ବପୃଷ୍ଠା

ଇସ୍ତଫା ଦାବି
- ଦୁଇଟି ମଟର ସାଇକଲ ମଧ୍ୟରେ ଧକ୍କା: ଜଣେ ମୃତ, ୨ ଗୁରୁତର
- ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସ୍ୱାଧୀକାର ଭଂଗ ନୋଟିସ୍
- ପଞ୍ଚାୟତିରାଜ ବିଭାଗ ଜାଣି ନ ଥିଲା, ଉପଯୁକ୍ତ ପଦକ୍ଷେପ ନିଆଯିବ
- ମୃତ ଅକ୍ଷମ କର୍ମଚାରୀଙ୍କ ପରିବାର ପକ୍ଷରୁ ଧାରଣା
- ସ୍ପେସିଆଲ୍ କୋଚିଂ ଉପରେ ଅଧ ଘଣ୍ଟିଆ ଆଲୋଚନା ହେବ
- ବାପାକୁ ହତ୍ୟା କରି ପୁଅ ଫେରାର, ୪ ଦିନ ପରେ ମାଟି ତଳୁ ଶବ ଉଦ୍ଧାର
- ପାରାଦୀପ ଗୁଳିକାଣ୍ଡ: ମୃତ ମମତାଜର ଜୀବନ ବୃତ୍ତାନ୍ତ
- ମୁସ୍ତାଫିଜଙ୍କ ଦାବି: ସଂପୂର୍ଣ୍ଣ ଓଡ଼ିଶାକୁ ଇଷ୍ଟକୋଷ୍ଟ ଜୋନରେ ଅନ୍ତର୍ଭୁକ୍ତ କରାଯାଉ
- ଅଧ୍ୟାପକ ଛାନିଆ: ଟ୍ୟୁସନ୍ ବନ୍ଦ
- ବେଆଇନ ବୋଟଲିଂଗ ପ୍ଲାଣ୍ଟ ଠାବ, ୪ ଗିରଫ
- ୨୦ ବର୍ଷ ବିତିଗଲା, ୬ଟି ଗାଁକୁ ବିଦ୍ୟୁତ ସଂଯୋଗ ନୋହିଲା
- କୋଶଲ ଆନ୍ଦୋଳନର ସମୀକ୍ଷା ସଭା
- ପ୍ରେମିକା ପ୍ରତାରିତା; ପ୍ରେମିକ ଫେରାର୍




Copyright © 2001 orissasambad.com

Site Developed by : www.wayindia.com